# Official Spokesperson’s response to media queries about an Indian baby in foster care in Germany

November 25, 2022

## ଜର୍ମାନୀରେ ଅସ୍ଥାୟୀ ଲାଳନ ପାଳନରେ ଥିବା ଏକ ଭାରତୀୟ ଶିଶୁ ବିଷୟରେ ଗଣମାଧ୍ୟମର ପ୍ରଶ୍ନ ଉପରେ ସରକାରୀ ମୁଖପାତ୍ରଙ୍କ ପ୍ରତିକ୍ରିୟା

**ନଭେମ୍ବର 25, 2022**

**ଜର୍ମାନୀରେ ଅସ୍ଥାୟୀ ଲାଳନ ପାଳନରେ ଥିବା ଏକ ଭାରତୀୟ ଶିଶୁ ବିଷୟରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସରକାରୀ ମୁଖପାତ୍ର ଶ୍ରୀ ଅରିନ୍ଦମ ବାଗଚି କହିଛନ୍ତି:**

"ସମ୍ପ୍ରତି ଜର୍ମାନୀରେ ଅସ୍ଥାୟୀ ଲାଳନ ପାଳନରେ ଥିବା ଭାରତୀୟ ଶିଶୁ ମାମଲା ଏକ ସମ୍ବେଦନଶୀଳ ବିଷୟ ଏବଂ ଏହା ବିଚାରାଧୀନ ଅଛି।

ସେପ୍ଟେମ୍ବର 2021 ଠାରୁ ଭାରତ ସରକାର ଏକ ବର୍ଷରୁ ଅଧିକ ସମୟ ଧରି ଏହି ମାମଲାରେ ହସ୍ତକ୍ଷେପ କରିବା ସହ ଜର୍ମାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଆସୁଛନ୍ତି।

ଆମେ ଏହି ମାମଲାର ଗୋପନୀୟତା ତଥା ପରିସ୍ଥିତିର ସମ୍ବେଦନଶୀଳତା ବିଷୟରେ ସଚେତନ।

ବର୍ଲିନ ସ୍ଥିତ ଭାରତୀୟ ଦୂତାବାସ ମଧ୍ୟ ଶିଶୁର ପରିବାରକୁ ଆବଶ୍ୟକୀୟ କନସୁଲାର ସହାୟତା ପ୍ରଦାନ କରିଆସୁଛି। ନ୍ୟାୟାଳୟରେ ବିଚାର ପ୍ରକ୍ରିୟା ଶୀଘ୍ର ସମାପ୍ତ ହେବାର ଆଶା ରଖି ଭାରତୀୟ ଦୂତାବାସ ଜର୍ମାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରଖିଛି।

ଶିଶୁର କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ସମସ୍ତ ପ୍ରୟାସ କରାଯାଉଛି।"

**ନୂଆଦିଲ୍ଲୀ**

**ନଭେମ୍ବର 25, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.